When I came to know about CRUT's Mo E-Ride project, I realized this is the chance I have got to prove to the world that we are no less. Even we are human beings and even we are equally capable of doing what 'others' can do, and it is only an opportunity that we need. My sister was very happy to know that now I can respectfully earn a livelihood for myself. I will now be known as an E-Rickshaw driver and not a beggar or a 'Chakka'. I feel proud of being a part of the Mo E-Ride project as it has given me the platform to show my true worth to all those who have taunted me throughout my life. I am waiting for the day when I can drive Mo E-Ride with Pride!

**Lovely Garva**
Sarathi






# ELECTRICAL ENGINEERING TO DRIVING E-RICKSHAWS

I am a graduate of Electrical Engineering. Despite that, I couldn't apply for jobs as my gender is not recognized in the application forms. I don't have access to something as basic as using a public washroom as there are washrooms for only males and females. Growing up, I not only had to struggle with myself but also had the constant fear of what society would perceive of me. This inner conflict of the emotion of accepting myself as a woman in a man's body took a heavy toll on my mental health. I had twice attempted to commit suicide but it seems like destiny had better plans for me.

After my graduation, I confronted my parents about my true identity to which they accepted me as who I really am. My parent's support motivated me to do something for myself. I met my mentor a few months ago and from there I came to know about the Mo E-Ride project. I availed myself of this golden opportunity of becoming a driver of E-Rickshaw and become financially independent. Initially, I had inhibitions that why would I be driving an E-Rickshaw despite being an engineer, but when I joined the Drivers Training Programme and witnessed the amount of respect that I got which I always craved for, I realized this is what I want. When I will start driving the E-Rickshaw, I will be proudly able to move around the city without being taunted for who I am.

Wasim Ahmed
Sarathi

# ଦୀର୍ଘ ଦିନର ସ୍ୱପ୍ନ

ପାଠପଢ଼ା ପରେ ଏତେ ଯଲ୍‌ଦି ବାହା ହେବାରେ ଇଛା ନଥିଲେ ବି ଘରେ ବାହା କରେଇଦେଲେ । ନିଜେ କିଛି ରୋଜଗାର କରିବାର ସ୍ୱପ୍ନ ସେଇଠି ମରିଗଲା । ଅନଉ ଅନଉ ବିବାହର ଦୀର୍ଘ ବର୍ଷ ବିତିଗଲାଣି । ୟା ଭିତରେ ମୋ ଝିଅ ବାର ବର୍ଷର ହେଲାଣି । ବର୍ତ୍ତମାନ ତା ପାଇଁ ସଞ୍ଚୟର ଚିନ୍ତା । କେମିତି ସେ ଭଲ କଲେଜରେ ପଢ଼ିବ । କେମିତି ତା ବାହାଘର ହେବ । ଏସବୁ ଚିନ୍ତା ଆମ ମୁଣ୍ଡ ଉପରେ ।

ବିବାହ ପରଠାରୁ ମୁଁ ଜଣେ ଗୃହିଣୀ ଭାବରେ ନିଜ ଜୀବନ ବିତେଇ ଆସୁଛି । ଯେତିକି ବି ପାଠ ପଢ଼ିଛି ସେହି ଯୋଗ୍ୟତା ଅନୁଯାୟୀ ଏକ ଚାକିରୀ କରିବି ବୋଲି ମନସ୍ଥ କରିଥିଲି । ନିଜେ କିଛି ରୋଜଗାର କରିବା ପୂର୍ବରୁ ବହୁତ କମ୍ ବୟସରେ ମୋର ବାହାଘର ହୋଇଗଲା । ବିବାହ ପରେ ଘରେ ଗୋଟିଏ ଯାଗାରେ ରହୁଥିବାରୁ ମୋତେ ଘରେ ରହି ଶାଶୁଙ୍କ ଯତ୍ନ ନେବାକୁ ପଡ଼େ । ଏହାସତ୍ତ୍ୱେ ମୁଁ ଆମ ବସ୍ତିରେ ପିଲାମାନଙ୍କୁ ଯୋଗ ଶିକ୍ଷା ଦେଉଥିଲି । ସେଥିରୁ ସେମିତି ଆଖିଦୃଷ୍ଟିଆ ରୋଜଗାର ନହେଉଥିଲେ ବି ଏପଟ ସେପଟ କରି ମାସକୁ ୨ରୁ ୩ହଜାର ଭଳି ରୋଜଗାର ହେଇଯାଏ । ତଥାପି ସେଇ ରୋଜଗାରକୁ ନେଇ ସନ୍ତୁଷ୍ଟ ଥିଲି । କାରଣ ସେଇଟା ମୋର ନିଜସ୍ୱ ରୋଜଗାର ରହୁଥିଲା ।

ସ୍ୱାମୀ ଆଉ ପରିବାର ସହିତ ସବୁକିଛି ସୁନ୍ଦର ଭାବେ ସଂସାର ରଥ ଆଗକୁ ଗଡ଼ି ଚାଲିଥିଲା । ତା ଭିତରେ ନିଜ ପରିବାର ଆଉ ସ୍ୱାମୀକୁ ନେଇ ନୂଆ କିଛି ସ୍ୱପ୍ନ ଦେଖୁଥିଲି । କିନ୍ତୁ ହଠାତ୍ ଜୀବନ ଜୁଆରରେ କରୋନା ଭଳି ଏକ ମାରାତ୍ମକ ଭୟ ଆସିଗଲା । ସେବେଠୁ ମୋ ପରିବାରକୁ ଆର୍ଥିକ ସଂଘର୍ଷର ସାମ୍ନା କରିବାକୁ ପଡ଼ିଛି ।

ସ୍ୱାମୀ ଜଣେ ଅଟୋ ଡ୍ରାଇଭର୍ । ଗରିବ ଶ୍ରେଣୀର ହେଲେବି ଆମ ପରିବାର ଚଳାଇବାକୁ ଆମ ପାଖରେ ଯଥେଷ୍ଟ ପରିମାଣର ଟଙ୍କା ଥିଲା । କୋଭିଡ୍ ପରଠାରୁ ଆମ ପାଇଁ ବଞ୍ଚିବା କଷ୍ଟକର ହୋଇପଡ଼ିଛି । ମୋତେ ରୋଜଗାରର ଏକ ଉପାୟ ଦେଖାଇବାକୁ ମୁଁ ସବୁବେଳେ ଭଗବାନଙ୍କୁ ଗୁହାରି କରେ । ଯେତେବେଳେ ଇ-ରାଇଡ୍ ବିଷୟରେ ଜାଣିବାକୁ ପାଇଲି, ନିଜ ଭିତରେ ଛୋଟିଆ ଆଶା ଜନ୍ମ ନେଲା । କାସ୍ ମୁଁ ଏଥିରେ କାମ କରିବାକୁ ସୁଯୋଗ ପାଆନ୍ତି କି... କିଛି ଦିନ ପରେ ସେୟା ହେଲା ଯାହା ମୁଁ ଚିନ୍ତା କରୁଥିଲି । ଯେବେ ଜାଣିଲି ଇ. ରିକ୍ସା ଚଳାଇବାକୁ ମୋର ନାମ ତାଲିକାରେ ଯୋଡ଼ା ହୋଇଛି । ସେତେବେଳେ ମୁଁ ଜାଣି ଖୁସି ହୋଇଥିଲି । ମୋର ଏକ ଦୀର୍ଘ ଦିନର ସ୍ୱପ୍ନ ଶେଷରେ ପୂରଣ ହେବାକୁ ଯାଉଛି ବୋଲି ଖୁସି ହୋଇଥିଲି । ବର୍ତ୍ତମାନ ଆଗକୁ କିଭଳି ଏକ ଭଲ ପ୍ରଶିକ୍ଷିତ ଡ୍ରାଇଭର ହେବି ସେନେଇ ମୋର ତାଲିମ୍ ଜାରୀ ରଖିଛି ।

**ସଞ୍ଜୁବାଳା ସାହୁ**
ସାରଥୀ

# DREAMS OF GREEN FIELD

I was a very shy girl before coming here for the training; it was my Mom's idea to join here as it will open up my view towards the world. We are 5 sisters & managing expenses with her job as an Asha Didi was getting difficult for mom. Dad was diagnosed with TB right after I got my admission in +3 & he left for his heavenly abode soon after that. It got very challenging for me to focus on studies as everyday lenders used to come to our house & create a ruckus, they had lent us money for my dad's treatment & debts were piling up.



We somehow managed to open up a small tiffin (breakfast) & a vegetable shop to manage our expenses but God has different plans for us. In my final year of graduation, my younger sister eloped & which took a toll on my final year exams – I got backlogs that completely broke me. I had studied amidst such a crucial time & filling up my forms for next year was impossible due to limited funds. Now with MoRide, am helping Mom to pay off her dues while also letting my younger sister attend her football coaching without any worries.

With this job am going to help my youngest sister to pursue her dream to be an artist by getting her admitted into one of the finest colleges of Bhubaneswar & that would be my greatest gift to myself. I am much more confident, am independent & I thank CRUT for being my sunshine in the dark phase of my life.

**Mamina Rout**
Sarathi

# କିନ୍ନର ଜୀବନ

ମୁଁ ପାଞ୍ଚ ଭାଇଭଉଣୀଙ୍କ ମଧ୍ୟରୁ ଜ୍ୟେଷ୍ଠ । ଘରେ ମୋ ଉପରେ କୌଣସି ପ୍ରକାର ରୋଜଗାରର ଆଶା ନରଖିଥିଲେ ବି ମୋର ପରିବାର ପ୍ରତି କର୍ତ୍ତବ୍ୟ ରହିଛି । ତେଣୁ ଲକ୍‌ଡ଼ାଉନ୍ ପରେ ପରେ ମୁଁ କିଛି କାମ କରିବାକୁ କଟକ ଚାଲି ଆସିଲି । ଯାହା ଫଳରେ କିଛି ରୋଜଗାର କରି ଘରଲୋକଙ୍କୁ ଆର୍ଥିକ ସାହାଯ୍ୟ କରିପାରିବି । କଟକରେ ପହଞ୍ଚି ଦେଖେ, ଛୋଟିଆ ସହରଟେ ହୋଇ ମଧ୍ୟ ସବୁବେଳେ ଚଳଚଞ୍ଚଳ । ମନେହେଲା ଯେପରି କାହା ପାଖରେ ସମୟ ନାହିଁ । ସମସ୍ତେ ନିଜ ନିଜର ଜୀବନ ଜୀବିକାକୁ ନେଇ ବ୍ୟସ୍ତ । କାହାକୁ ଗୁହାରି କରିବି ଚାକିରୀ ଟେ ପାଇଁ ? ତେଣୁ ପ୍ରଥମେ ନିଜକୁ ବଞ୍ଚାଇବା ପାଇଁ ଏକ ଜାଗାରେ ପାର୍ଟ ଟାଇମ୍ ଚାକିରି କଲି ।

ସ୍କୁଲ୍‌ରେ ପଢ଼ିବା ସମୟରୁ ମୋର ପ୍ରକୃତି ଭିନ୍ନ । ଝିଅଙ୍କ ଭଳି ମଧୁର ସ୍ୱର । ହାଲ୍‌କା ହାଲ୍‌କା କଥା । ଲାଜକୁଳା ସ୍ୱଭାବ । ପୁଅଙ୍କ ଶରୀର ପାଇଥିଲେ ବି ଝିଅଙ୍କର ସବୁ ଗୁଣ ମୋ ଭିତରେ । ଚାଲିଲେ ଅଣ୍ଟା ଭାଙ୍ଗି ଚାଲେ । କଥା ହେଲେ ଲାଜେଇ ଲାଜେଇ କଥା ହୁଏ । ଏସବୁ ପାଇଁ ମୁଁ ଅନେକ ଜାଗାରେ ଥଟ୍ଟା ପରିହାସ ସହିଛି । ଘର ଲୋକଙ୍କଠୁ ମାଡ଼ ଖାଇଛି । ଯୌନ ଶୋଷଣର ଶିକାର ହୋଇଛି । ସମାଜରେ ଅଧିକାରରୁ ବଞ୍ଚିତ ହୋଇଛି । ନିଜର ପ୍ରାପ୍ୟଠୁ କମ୍ ପାଇଛି । ସାଙ୍ଗସାଥି ସାହି ପଡ଼ୋଶୀ, ଗାଁ ଲୋକ ଶେଷରେ ନିଜ ପରିବାରରେ ନାନା ପ୍ରକାର ଗାଳିଗୁଲଜ ସହିଛି ।

ପାଠପଢ଼ା ସମୟରେ ମୁଁ ପ୍ରକୃତରେ ଅନୁଭବ କରିନଥିଲି ଯେ ମୁଁ ଜଣେ କିନ୍ନର । ପଢୁଥିବା ସମୟରେ କିନ୍ନର କାହାକୁ କୁହନ୍ତି ଜାଣି ନଥିଲି । ବରଂ ମୁଁ ଚଳୁଥିବା ମୋ ସମାଜରେ ମୋତେ କିନ୍ନର ଆଖ୍ୟା ଦିଆଯାଇଛି । ମୁଁ ସ୍କୁଲ୍‌ରେ ଝିଅମାନଙ୍କ ସହିତ ମିଶିବାକୁ ଭଲପାଉଥିଲି । ଝିଅମାନଙ୍କ ସହିତ ଖେଳେ । ସେମାନଙ୍କ ସହିତ ସାଙ୍ଗ ହୁଏ । ହାଇସ୍କୁଲ୍‌ରେ ପଢ଼ିବାର କିଛିଦିନ ପରେ ମୁଁ ଅନୁଭବ କରିବାକୁ ଲାଗିଲି ଯେ ମୋର ଭାବନା ଅନ୍ୟମାନଙ୍କଠାରୁ ଭିନ୍ନ । ମୁଁ ଯୁଆଡ଼େ ଗଲେବି ଲୋକମାନେ ମୋତେ ପରିହାସ କରନ୍ତି । ହାତ ଧରିନେଇ ଚିଡ଼େଇବାକୁ ଲାଗନ୍ତି । ଗୋଟେ ପଟେ ଝିଅ ସାଙ୍ଗ ଆଉ ମହିଳାମାନେ ମୋତେ ଭଲ ପାଉଥିବାବେଳେ ଅନ୍ୟ ପଟରେ ପୁରୁଷମାନଙ୍କ କାମୁକ ନଜରରେ ପଡୁଥିଲି ।

ସାଙ୍ଗସାଥିଙ୍କ ମେଳରେ ସବୁବେଳେ ମୋର ଲିଙ୍ଗକୁ ନେଇ ପ୍ରଶ୍ନ ଉଠେ । ମୋ ଭିତରେ ପୁରୁଷତ୍ୱ ଅଛି କି ନାହିଁ ପ୍ରଶ୍ନ ଉଠେ । କାରଣ ମୁଁ ପୁଅମାନଙ୍କ ଭଳି ବଞ୍ଚିବା ଅପେକ୍ଷା ଝିଅ ଭଳି ବଞ୍ଚିବାକୁ ଚାହୁଁଥିଲି । ପୁଅପିଲାଙ୍କ ପୋଷାକ ପିନ୍ଧୁଥିଲେ ମଧ୍ୟ ଜଣେ ଝିଅ ଭଳି ସ୍ୱଭାବ ରହିଥିଲା ମୋର । କେତେବେଳେ ଲୁଚି ଲୁଚି ମା'ର ଶାଢ଼ୀ ପିନ୍ଧୁଥିଲି ତ' କେତେବେଳେ ଭଉଣୀର ଫ୍ରକ୍ ପିନ୍ଧିବାକୁ ପସନ୍ଦ କରୁଥିଲି । କପାଳରେ ବିନ୍ଦି ଆଉ ଆଖିରେ କଜଳ ଲଗେଇ ସଜ ହେବାକୁ ପସନ୍ଦ କରୁଥିଲି । ସମୟାନୁସାରେ ପାଦରେ ପାଉଁଜି ପୁଣି ଅଳଙ୍କାରରେ ସଜେଇ ହେବାକୁ ଲାଗିଲି । କିନ୍ତୁ ସମୟ ସମୟରେ ମୋ ମନରେ ପ୍ରଶ୍ନ ଉଠେ । କ'ଣ ଏସବୁ ମୋର ଇଚ୍ଛା ଥିଲା ? କ'ଣ ମୁଁ ଚାହୁଁଥିଲି ଛୋଟବେଳୁ ମୋ ଲିଙ୍ଗକୁ ନେଇ ଏମିତି ଏକ ଦ୍ୱନ୍ଦ୍ୱରେ ପଡ଼ିବାକୁ ?

ପଢ଼ିବା ସମୟରେ ସ୍କୁଲ୍‌ର କୌଣସି କାର୍ଯ୍ୟକ୍ରମ ହେଲେ ମୋତେ ଝିଅପିଲାଙ୍କ ଭଳି ପୋଷାକ ପିନ୍ଧେଇ ନାଟକରେ ଅଂଶ ଗ୍ରହଣ କରିବାକୁ କୁହାଯାଉଥିଲା । ଭଲ ନାଟକ କଲେ ଖୁସି ହେଉଥିଲେ । ଓଡ଼ିଶୀ ପୋଷାକରେ ଝିଅପିଲାଙ୍କ ଭଳି ନାଚିଲେ ଖୁସି ହେଉଥିଲେ । ଯେତେବେଳେ ଉତ୍ତମ ପ୍ରଦର୍ଶନ ଯୋଗୁଁ ପ୍ରଥମ, ଦ୍ୱିତୀୟ ସ୍ଥାନରେ ପ୍ରାଇଜ୍ ପାଉଥିଲି । ସାରା ପରିବାର ଖୁସି ମନାଉଥିଲେ । ଆଜି କ'ଣ ପାଇଁ ମୋତେ ପରିବାରଠୁ ଦୂରରେ ରହିବାକୁ ପଡୁଛି । ଆଜି କ'ଣ ପାଇଁ ମୋତେ ମାଇଚିଆ କିନ୍ନର ନାଁରେ ଲୋକେ ଚିହ୍ନିଛନ୍ତି । କ'ଣ ଦୋଷ ମୋର ? ନା ପରିବାରର ? ନା ସମାଜର ? ଆମକୁ ଅନୁଭବ ହେଉନି କି ଏଥିରେ ଏକ ମାନସିକତାରେ ପ୍ରଭାବ ପକାଇଛି । ଯେଉଁ ମାନସିକତାକୁ ପରିବର୍ତ୍ତନ କରିବା ନିହାତି ଆବଶ୍ୟକ ରହିଛି । ଯେଉଁଠି ଛୋଟବେଳେ ଝିଅଙ୍କ ପୋଷାକ ପିନ୍ଧି ନାଚିଲେ ଖୁସି ହେଉଥିଲେ । ବଡ଼ ହେଲେ ଝିଅଙ୍କ ପୋଷାକ ପିନ୍ଧିବାରେ ସଙ୍କୋଚବୋଧ ଆସିଲା କେଉଁଠୁ ?

ସବୁପରେ ବି ମୁଁ ବାଧ୍ୟ ହେଲି ଘର ଛାଡ଼ିବାକୁ । କଟକରେ ପରିବାରଠୁ ଦୂରେଇ ରହିଲି । ପଇସା ପାଇଁ କାମ କଲି । ପୁରୁଷ ପ୍ରଧାନ କୌଣସି କାର୍ଯ୍ୟ କ୍ଷେତ୍ରରେ କାମ କଲେ ଚାକିରିରେ ରହିବାକୁ ମୋତେ ବାଧା ସୃଷ୍ଟି ହେଲା । କିନ୍ତୁ ବର୍ତ୍ତମାନ ମୁଁ ଇ. ରାଇଡ଼୍‌ରେ ପ୍ରବେଶ କଲି ଯେଉଁଥିରେ ମୁଁ ଏକ ନିଜସ୍ୱ ସ୍ଥାନ ପାଇବି । ଯେଉଁଠାରେ ମୁଁ ସମ୍ମାନର ସହିତ କାମ କରିବି । ବର୍ତ୍ତମାନ ମୋର ପରିବାର ଜାଣି ଖୁସି ଯେ, ମୁଁ ଏକ ସମ୍ମାନଜନକ ବୃତ୍ତିରେ ମନୋନିବେଶ କରିଛି ।

**ଦୀପ୍ତି ନାୟକ**
ସାରଥୀ

# କୋଟପାଡ଼ରୁ କଳିଙ୍ଗ ଷ୍ଟୁଡ଼ିଓ

ଅଧିକ ବିଳମ୍ବ ହୋଇନଥାଏ । ଯୁକ୍ତ ଦୁଇରେ ପାଠ ପଢ଼ା ଚାଲିଥାଏ । ସମୟ ଅନୁସାରେ ମୁଁ ଧିରେ ଧିରେ ନିଜକୁ ଜାଣିଲି । ବୟସ ଅନୁସାରେ ନିଜର ପସନ୍ଦ ନାପସନ୍ଦକୁ ଯେତେବେଳେ ଅନୁଭବ କଲି ସେତେବେଳେ ଜାଣିବାକୁ ପାଇଲି ମୁଁ ସାଧାରଣ ପୁଅମାନଙ୍କ ଠାରୁ ଭିନ୍ନ । ସ୍କୁଲ୍ ସମୟରେ ଘର ଲୋକଠୁ ଆରମ୍ଭ କରି ସାହି ପଡ଼ୋଶୀମାନେ ମାଇଚିଆ, ମାଇଗୁଲି ନାଁରେ ଡ଼ାକନ୍ତି । ଏସବୁ ମୋତେ କିଛି ଫରକ୍ ପଡୁନଥିଲା । ସମୟାନୁସାରେ ମୁଁ ଏସବୁ ଘୃଣା କରିବାକୁ ଲାଗିଲି । ଘରେ, ସ୍କୁଲ୍‌ରେ, ପରେ କଲେଜ୍‌ରେ ଯେତେବେଳେ ମୋର ଚାଲି ଚଳଣୀ, କଥାଭାଷା, ଭେଷଭୂଷାକୁ ନେଇ ପ୍ରଶ୍ନ କଲେ ଏବଂ ଥଟ୍ଟା କରିବାକୁ ଲାଗିଲେ ସେତେବେଳେ ମୁଁ ଅନୁଭବ କଲି ମୁଁ ଜଣେ କିନ୍ନର । ଘରର ଜଣେ ବଡ଼ପୁଅ ଭାବରେ ନିଜକୁ ଏଭଳି ପରିସ୍ଥିତିରେ ମୁଁ ସହଜରେ ଗ୍ରହଣ କରିପାରିନଥିଲି । ମୋ ସାଥ୍ ଦେବାକୁ ମୋ ସହିତ ଥିଲେ ମୋ ପରିବାର ନା ମୋ ପାଖରେ ଥିଲେ ମୋର ସାଙ୍ଗସାଥି ।

ପରିବାର କୋରାପୁଟର କୋଟପାଡ଼ରେ । ଘରେ ବାପା, ମା, ସାନ ଭାଇ ଆଉ ମୁଁ । ରୋଜଗାର କହିଲେ ଚାଷ ବାଡ଼ିରୁ ଯାହା ଆସେ । ଘରର ବଡ଼ ପୁଅ ବୋଲି ମୋ ଉପରେ ରୋଜଗାରର ଯଥେଷ୍ଟ ଭରଷା ଥିଲା । ଭାବିଥିଲି ପାଠପଢ଼ା ପରେ ଭଲ ସୁଯୋଗ ଦେଖି ଘରେ ମୋ ବିଷୟରେ ଜଣାଇବି । କିନ୍ତୁ ନିଜର ଧୈର୍ଯ୍ୟ ନଥିଲା । ସମସ୍ତଙ୍କର ଟାହିଟାପରାକୁ ମୁଣ୍ଡରେ ବୋଝ ଧରି ଚାଲିବାକୁ ସାହାସ ନଥିଲା । ଯେତେବେଳେ ବାପାଙ୍କୁ ଜଣାଇବାକୁ ସାହାସ କଲି, ବାପାଙ୍କ ତରଫରୁ ସେଭଳି ନିଷ୍ପତ୍ତି ନେଲେ ଯାହା ମୋ ମନରେ ବହୁ ପୂର୍ବରୁ ଭୟ ଥିଲା । ଶେଷରେ ମୋତେ ଘର ଛାଡ଼ିବାକୁ ପଡ଼ିଲା । ପରିବାର ମଧ୍ୟ ଛାଡ଼ିବାକୁ ପଡ଼ିଲା । ଘରଠୁ ଦୂରରେ ରହି ଏତେ ବଡ଼ ଦୁନିଆରେ କ'ଣ କରିବି କିଛି ଜଣା ନଥିଲା । ତଥାପି ଘର ଛାଡ଼ି ଏକୁଟିଆ ରହିବା ପାଇଁ ବାହାରି ଆସିଲି । ନିଜର ବ୍ୟବସ୍ଥା ନିଜକୁ ଦେଖିବାକୁ ପଡ଼ିଲା । ଘର ଛାଡ଼ିବାକୁ ନିଷ୍ପତ୍ତି ନେବା ସମୟରେ ମୋ ପାଇଁ ସମସ୍ତେ ଚୁପ୍ ଥିଲେ । ଯେପରି ମୋ ସାମ୍ନାରେ ଜଣେ ଜଣେ ମୂକ ପାଲଟିଯାଇଥିଲେ । ସେଦିନ ମୋ ପାଇଁ କାହାର ସ୍ୱର ନଥିଲା ।

ମୋର କାର୍ଯ୍ୟକଳାପ ମୋ ଛୋଟ ଭାଇ ଉପରେ ଯେପରି  କୌଣସି ପ୍ରଭାବ ନପଡ଼େ, ଏଭଳି ଚିନ୍ତା କରି ବାପା ମୋତେ ଘର ଛାଡ଼ି ଦେବାକୁ କହିଲେ । ଘର ଛାଡ଼ି ସିଧା ଭୁବନେଶ୍ୱରରେ ପହଞ୍ଚିଲି । ପୁର୍ବରୁ କିଛି କିଛି ଶୁଣିବାକୁ ମିଳିଥିଲା । ମୋ ଭଳି ଅନେକ କିନ୍ନର ନିଜର ସ୍ୱାଧିନତା ପାଇଁ ଘର ଛାଡ଼ି ଭୁବନେଶ୍ୱରକୁ ନିଜର କର୍ମସ୍ଥଳୀ ଭାବେ ବାଛିନେଇଛନ୍ତି । ତେଣୁ ମନରେ କୌଣସି ଦ୍ୱିଧା ନରଖି ଆଗକୁ ଆସିଥିଲି । ଏଠାରେ ମୁଁ ଅନେକଙ୍କ ସହିତ ସମ୍ପର୍କରେ ଆସିଲି । ନିଜ ପାଇଁ ରୋଜଗାରର ପନ୍ଥା ଖୋଜି ପାଇଲି । ମୋ ଭଳି ଅନେକ ପିଲା ଏଠାରେ ରହୁଥିବାରୁ ଗାଁରୁ ବାସନ୍ଦ ହେବାର ଭୟ ଏଠାରେ ନଥିଲା । ରହିବାର ସୁବିଧା ହୋଇଗଲା କିନ୍ତୁ ରୋଜଗାରର ଆଶା ନଥିଲା । କେମିତି ବି ମୁଁ ଗୋଟେ ଫିନାଇଲ୍ କମ୍ପାନୀରେ କାମ କରିବାକୁ ସୁଯୋଗ ପାଇଲି ।

ମୋର ଆଶା ଅଛି ମୁଁ ଭବିଷ୍ୟତରେ ଗୋଟେ ଖୁସିର ସଂସାର କରିବି । ବର୍ତ୍ତମାନ ଯାଏଁ ନିଜ ପସନ୍ଦର ଜୀବନସାଥି ନଥିଲେ ମଧ୍ୟ ଆଗକୁ ମୋ ପସନ୍ଦର ସାଥିଟିଏ ଖୋଜୁଛି । ଯାହାଦ୍ୱାରା ମୋତେ ମୋର ଜୀବନ ଜିଇଁବାକୁ ସରଳ ହେବ । ମୋର ଆଗାମୀ ଜୀବନ କିପରି ସରଳମୟ ହୋଇ ପାରିବ ଏନେଇ ମୁଁ କ୍ଲଟ୍ ପକ୍ଷରୁ ଆରମ୍ଭ ହୋଇଥିବା ଇ. ରିକ୍ସା ଡ୍ରାଇଭର୍‌ର ତାଲିମ୍‌ରେ ଯୋଗ ଦେଇଛି । ଆଶା ଏଥିରୁ ମୁଁ ଅନେକ ଉପକୃତ ହୋଇପାରିବି । ଆଗାମୀ ସମୟରେ ମୋତେ ମିଳିବାକୁ ଥିବା ପାରିଶ୍ରମିକରୁ ସଞ୍ଚୟ କରି ନିଜର ଲିଙ୍ଗ ପରିବର୍ତ୍ତନ କରିବା ଯୋଜନା ରହିଛି । ଯାହା ମାଧ୍ୟମରେ ମୁଁ ଜଣେ ସାଧାରଣ ନାରୀ ଭଳି ବଞ୍ଚିପାରିବି ।

**ଗୁଡ଼ି କିନ୍ନର**
ସାରଥୀ

# HIDDEN DESIRE TO SERVE PEOPLE

My world went upside down when my husband left me for another woman. We already had 2 beautiful daughters together but he still chose to leave us behind to find love & peace elsewhere. We had a difficult marriage as I was from a background with limited means & my husband had 4 earth-moving machines & hailed from a well-to-do family. His family, my in-laws never accepted me as their daughter-in-law & always used to make a mockery out of my situation. After 1yr of our marriages, I birthed a male child but he didn't survive due to some complications. Later, we had our elder daughter - now 16years - & again after 2 years, we were blessed with my younger daughter. Things were never normal at our home, both of my daughters were afraid of their father as he used to keep busy with work & was stressed all the time due to work pressure. His absence was much more delightful than his presence for the kids & recently I got separated from him when he chose to get married again. Most of the days I work as a domestic helper but the working hours are long yet the salary is very low to manage expenses. This opportunity has opened up a new dimension for me to earn extra money & give my children better education. I also have a hidden desire to serve people. This will be another source of happiness for me while working. Once my daughters are married I will visit Vaishno Devi & will serve people – this is my idea of an ideal future.

**Sujata Das**
Sarathi





# UNWANTED PART OF MY LIFE

It was my 1st year of Mechanical engineering when I met my inner self, before that I used to always be confused about my feelings & nature. When I was young & didn't have any idea of my situation, I was curious to know more but still, I didn't have anyone to confide in. I wanted to pursue acting or dancing as a career but I was afraid to share this interest with my father & that is why I had to join engineering to keep him happy. Getting mocked, being called a "chhakka", humiliation slowly became an unwanted part of my life. I left the college hostel without saying anything to anyone to commit suicide as every day felt long like a year & was unbearable for me. I contemplated my decision to end my life like that & reached out to one of my old affiliates who then called me back & provided me shelter.

Later I joined the local group supporting people of my kind & since the past few years, I have been living the life that I had always wanted to do like wearing women's apparel, getting dolled up, etc. To make up for my expenses, I did join a dance group & used to travel out of state too for performances. I made good money but there had been absolute zero satisfaction & far from being a respectable profession.

Everyone can make money by begging or doing commercial sex work but if we don't step up & grab this opportunity may be the upcoming clan will have no other prospect than begging for a living. From being called a "Chhakka" to now being referred to as an "autowali" I think I have come a long way & hopefully this would inspire others to join the pride as well. I am indebted to CRUT for this & am hoping to make my family be proud of me. In future, I wish to have a family of my own & live happily with all my loved ones.

**Sridhar Behera**
Sarathi

# ମହିଳା ଡ୍ରାଇଭର୍

ଜଣେ ମହିଳା ଏକୁଟିଆ ନିଜକୁ ସୁରକ୍ଷା ଦେବାକୁ ହୁଏତ ଭାଙ୍ଗି ଯାଇପାରେ । ଏକୁଟିଆ ଯୁଦ୍ଧ କରି ଜୀବନଯୁଦ୍ଧରେ ହାରିଯାଇପାରେ । କିନ୍ତୁ ଯେତେବେଳେ ପରିବାରର ସୁରକ୍ଷା ଓ ଜନ୍ମ କରିଥିବା ଛୁଆଙ୍କୁ ସୁରକ୍ଷା ଦେବାର କଥା ଉଠେ ସେତେବେଳେ ଗୋଟେ ନାରୀ ଭିତରେ ଶତ ସିଂହର ବଳ ଜାଗ୍ରତ ହୋଇଉଠେ । ସେ ସମୟରେ ଜଣେ ନାରୀ ରକ୍ଷକ ସାଜି ଯୁଦ୍ଧ କରିବସେ । ମା ଦୂର୍ଗାଙ୍କ ରୂପ ନେବାକୁ ମଧ୍ୟ ପଛାଏ ନାହିଁ ।

ଘରେ ମୋର ଦୁଇଟି ଛୁଆ । ମୁଁ ଦୈନିକ ମଜୁରୀରେ କାମ କରୁଥିଲି । ଯେତେବେଳେ ଯାହା କାମ ଆସେ କରିବାକୁ ନାପସନ୍ଦ କରେନି । ପାଠ ଦୁଇ ଅକ୍ଷର କମ୍ ପଢ଼ିଛି ବୋଲି କୌଣସି ଛୋଟ କାମ ହେଲେବି ମୋ ମନରେ ସଙ୍କୋଚ ଆସେନି । ବିବାହ ପରଠାରୁ, ମୁଁ ପରଘରେ କୌଣସି କାମ କରିନାହିଁ । ମୋ ଘରେ ଜଣେ ଗୃହିଣୀ ଭାବରେ ଥିଲି ।

ମୋ ସ୍ୱାମୀ କୌଣସି କାମରେ ମୁଣ୍ଡ ପୁରାନ୍ତି ନାହିଁ । ଘରେ ଦୁଇ ପାଇଟି କାମ କରିବାକୁ ପସନ୍ଦ କରନ୍ତି ନାହିଁ । ବସି ଖାଇଲେ ତ, ନଈବାଲି ସରେ । ଉଭୟ ସ୍ୱାମୀ ସ୍ତ୍ରୀ ଯଦି କାମ ନକରୁ ତେବେ ଖାଇବା ଆସିବ କେଉଁଠୁ । ଏହି କାରଣ ଯୋଗୁଁ ମୋ ପରିବାର ଅଧିକ ଖାଇବାକୁ ପାଆନ୍ତି ନାହିଁ । ଘରେ ସବୁବେଳେ ଆର୍ଥିକ ସମସ୍ୟା ଲାଗି ରହିଥାଏ । ତେଣୁ ମୋତେ ଯେମିତି ବି ହେଉ ରୋଜଗାର କରିବାକୁ ପଡ଼ିବ ଚିନ୍ତା କରି ଆଗକୁ ବାହାରିଲି । ମୁଁ ଶିକ୍ଷିତ ହୋଇନଥିବାରୁ ମୋ ଆଖପାଖର ଲୋକମାନେ ମୋତେ ପରିହାସ କରନ୍ତି । ମୁଁ ସେମାନଙ୍କୁ ପ୍ରମାଣ କରି ଦେଖାଇବି ଯେ ମୁଁ ପାଠ ନପଢ଼ିଲେ ମଧ୍ୟ ଅଟୋ ଚଳାଇବାରେ ସମର୍ଥ । ପେଟ ପାଇଁ କୌଣସି କାମ କଲେ ଅସୁବିଧା କେଉଁଠି ?

ଘରେ ମୋ ଝିଅ ଆଶାବାଦୀ ଯେ, ମୁଁ ଥରେ ରୋଜଗାର କରିବା ଆରମ୍ଭ କରିଦେଲେ, ଆମେ ଦୁଇମୁଠା ଭଲଖାଦ୍ୟ ଖାଇବାରେ ସକ୍ଷମ ହେବୁ । ମୋ ପାଖ ଅଞ୍ଚଳର ପୁରୁଷମାନଙ୍କର ଚିନ୍ତାଧାରା ଯେ, ମହିଳାମାନେ କିଛି କରିପାରିବେ ନାହିଁ । ସେମାନଙ୍କର ଏଭଳି ଚିନ୍ତାଧାରାକୁ ବଦଳାଇବା ମୋ ପାଇଁ ଏହା ଏକ ଚ୍ୟାଲେଞ୍ଜ୍ । ଯେତେବେଳେ ମୁଁ ଜଣେ ଭଲ ଅଟୋ ଡ୍ରାଇଭର୍ ଭାବରେ ନିଜକୁ ପ୍ରମାଣ କରିପାରିବି ସେତେବେଳେ ସେମାନଙ୍କର ଚିନ୍ତାଧାରାକୁ ବଦଳାଇବାରେ ସକ୍ଷମ ହୋଇପାରିବି ।

**ଲକ୍ଷ୍ମୀ ମନ୍ତ୍ରୀ**
ସାରଥୀ



# ପ୍ରତ୍ୟେକ ସହକର୍ମୀ ପରିବାରର ସଦସ୍ୟ ଭଳି

ପାଠରେ ଜିରୋ କିନ୍ତୁ ଜଣେ ଦକ୍ଷ ବସ୍ ଡ୍ରାଇଭର୍ ଭାବରେ ନିଜକୁ ପ୍ରମାଣ କରିପାରିଛି । ମୋ ବସ୍ ସେବା ଆରମ୍ଭ ଦିନରୁ ବର୍ତ୍ତମାନ ଯାଏ କାମ କରିଆସୁଛି । ପ୍ରଥମେ ଏକ ମାଲ୍‌ବାହୀ ଟ୍ରକ୍, ପରବର୍ତ୍ତି ସମୟରେ ବହୁଦିନ ଧରି ଜଣେ ବିଧାୟକଙ୍କ କାର୍ ଚଲାଉଥିଲି । ବିଧାୟକଙ୍କ ଗାଡ଼ି ଚଳାଇବା ସହ ରାଜନୀତି କାର୍ଯ୍ୟକଳାପରେ ଜଡ଼ିତ ଥିଲି । ସେଠୁ କାମ ଛାଡ଼ି ହଠାତ୍ ସରକାରୀ ବସ୍ ପାଇଁ କାମ କରିବା ନିହାତି ମୋ ପାଇଁ ଏକ ସୁଯୋଗ । ଏଠାରେ ଏକ ଶୃଙ୍ଖଳ ଭିତରେ କାମ କରିବାକୁ ପଡୁଛି । କିଛି ଦିନ ନିୟମିତ କାମକୁ ଆସିବା ପରେ ନିଜକୁ ସମୟ ସହିତ ଖାପଖୁଆଇ ନେଲି । ୮ ଘଣ୍ଟାର ଡ଼ିୟୁଟି ପରେ କାମରୁ ହାଲ୍‌କା ମିଳିଲେ ଘରେ ମୋର ଦୁଇ ଝିଅଙ୍କ ସହ ଖେଳିବାକୁ ସମୟ ପାଏ ।

ଗାଁରେ ମୋର ଜନ୍ମ । ଛୋଟବେଳୁ ଗାଁରେ ହିଁ ବଢ଼ିଛି । ବାପା କ୍ଷେତରେ କାମ କରିବାର ଛୋଟବେଳୁ ଦେଖୁଛି । ମୋର ମଧ୍ୟ ପନିପରିବା ଚାଷରେ ବହୁତ ସଉକ । ସେଥିପାଇଁ କ୍ଷେତରେ କାମ କରିବା ଅଭ୍ୟାସ ଏଯାଏ ଛାଡ଼ିପାରିନି । ଏବେବି ବିଲବାଡ଼ିରେ କାମ ପାଇଁ ସବୁବେଳେ ଆଗଭର । ଟିକିଏ ସମୟ ମିଳିଲେ ହାତରେ କୋଦାଳ ମୁଣ୍ଡରେ ଗାମୁଛା ଭିଡ଼ି ବିଲକୁ ବାହାରିଯାଏ । କ୍ରିକେଟ୍ ଖେଳରେ ମଧ୍ୟ ମୋର ଅହେତୁକ ରୁଚି ରହିଛି ।

କ୍ରିକେଟ୍, ବିଲବାଡ଼ି ଆଉ ପରିବାର ଏସବୁକୁ ଛାଡ଼ିଦେବା ପରେ କେବଳ ମୋ ବସ୍‌ରେ ମୋର ଥିବା ଦାୟିତ୍ୱକୁ ଗୁରୁତ୍ୱ ଦିଏ । ଘରୁ ବାହାରି ଆସିଲେ ଆରମ୍ଭ ହୁଏ ମୋର ୨୧, ୨୨, ୩୦, ୩୩ ନମ୍ବର ରୁଟ୍‌ରେ କାମ । କେତେବେଳେ କେଉଁ ରୁଟ୍ ଦିଆଯାଏ ଠିକ୍ ନଥାଏ । ଗୋଟିଏ ବିକ୍ୟୁଏସ୍‌ରୁ ଆଉଗୋଟେ ବିକ୍ୟୁଏସ୍‌କୁ ଛୁଇଁ ଗାଡ଼ି ଛକ ପରେ ଛକରେ ପହଞ୍ଚୁଥାଏ । ସମୟରେ ଢ଼ିଲା ଦେଇ ହୁଏନି । ଦିନରେ ଆଠଘଣ୍ଟା ସମ୍ପୂର୍ଣ୍ଣ ରୁଟିନ୍ ବନ୍ଧା ଏକ ଶୃଙ୍ଖଳିତ ଜୀବନ ବିତାଉଛି ।

ମୋ ବସ୍‌ର ସେବାକୁ ତ୍ୱରାନ୍ୱିତ କରିବା ପାଇଁ ଅନେକ କର୍ମଚାରୀ କାମ କରୁଥିବା ଯୋଗୁଁ କାମ କରିବା ସହଜ ହେଉଛି । ଏନେଇ ଅନେକ କ୍ୟାପ୍‌ଟେନ୍ ଏବଂ ଗାଇଡ୍‌ମାନଙ୍କ ମେଳରେ କାମ କରିବା ଦ୍ୱାରା ବହୁତ କିଛି ସାଧାରଣ କଥା ଶିଖିବାକୁ ମିଳେ । କୋଭିଡ୍ ମହାମାରୀ ସମୟରେ ମୋ ବସ୍‌ର ସମସ୍ତ ବସ୍‌ଗୁଡ଼ିକ ଚଳାଚଳ କରୁନଥିବାରୁ କାମରୁ ସେଇ କିଛି ସମୟ ଏକ ପ୍ରକାର ବିରତି ନେଇଥିଲି । ଯେତିକି ବି ବସ୍ ଚାଲୁଥିଲା ସେସବୁ ବସ୍‌ରେ ଆମର କିଛି କର୍ମଚାରୀ ଅନବରତ ସେବା ଜାରୀ ରଖିଥିଲେ ।

ଯେତେବେଳେ ସମସ୍ତ ମୋ ବସ୍ ରୁଟ୍‌ରେ ଗଡ଼ିବା ଆରମ୍ଭ ହୁଏ । ମୁଁ ପୁଣି କାମରେ ଆସି ଯୋଗଦିଏ । କାମ କରୁଥିବା ସମୟରେ ଦିନକର ଘଟଣା ! ହଠାତ୍ ମୋ ବାପାଙ୍କ ଦେହ ଅଧିକ ଖରାପ ହୋଇପଡ଼େ । ଘରୁ ଖବର ଆସେ ବାପାଙ୍କୁ ମେଡ଼ିକାଲ୍ ନେବାକୁ ହେବ । ଠିକ୍ କିଛି ସମୟ ପରେ ମୋତେ ମାଷ୍ଟରକ୍ୟାଣ୍ଟିନ୍‌ରୁ ବସ୍ ନେଇ ୨୨ ନମ୍ବର ରୁଟ୍‌ରେ ଯିବାର ଥାଏ । ବସ୍‌ରେ ଯାତ୍ରୀମାନେ ଜଣଙ୍କ ପରେ ଜଣେ ଆସି ଗାଡ଼ି ଫୁଲ୍ ହୋଇଯାଇଥାଏ । ବ୍ୟସ୍ତ ହୋଇ ମୋର ଉପରିସ୍ଥ କର୍ମଚାରୀଙ୍କୁ ଜଣାଇବା ପରେ ଉତ୍ତରରେ କୁହନ୍ତି ବର୍ତ୍ତମାନ ସମୟରେ ଡ୍ରାଇଭର୍ ଉପସ୍ଥିତ ନାହାନ୍ତି । ଏସବୁ ଶୁଣି ବ୍ୟସ୍ତ ହୋଇପଡେ, କୌଣସି ଉପାୟ ନଥାଏ । ଚିନ୍ତା କରୁ କରୁ ଆଉ ଗୋଟେ କଲ୍ ଆସେ । କଲ୍‌ରେ ଥାନ୍ତି ମୋ ବସ୍‌ର ଅନ୍ୟଜଣେ କ୍ୟାପ୍‌ଟେନ୍ । କେମିତି କେଜାଣି ସେ ଏ ଖବର ଜାଣିବାକୁ ପାଆନ୍ତି ଆଉ ମୋତେ କଲ୍ କରି କୁହନ୍ତି "ଗାଡ଼ି ମୁଁ ନେଇଯିବି । ତୁ ବାପାଙ୍କ କଥା ବୁଝେ, କିଛି ସମୟରେ ମୁଁ ଗାଡ଼ି ପାଖରେ ପହଞ୍ଚୁଛି ।" ମୁଁ ଘରକୁ ଚାଲିଆସେ, ବାପାଙ୍କୁ ମେଡ଼ିକାଲ୍ ନେବା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ପରିବର୍ତ୍ତନ ଦେଖାଯାଏ । ମୋ ପରିବାରର ଏଭଳି ଏକ ସମ୍ବେଦନଶୀଳ ମୁହୂର୍ତ୍ତରେ ମୋ ବସ୍‌ର ସହକର୍ମୀ ମୋତେ ସାହାଯ୍ୟ କରିଥିବାରୁ ମୋତେ ବହୁତ ଖୁସି ମିଳିଥିଲା । ଯାହାକି ମୁଁ ଏଭଳି ଏକ ସଂସ୍ଥା ସହ ଯୋଡ଼ି ହୋଇ କାମ କରୁଛି ଯେଉଁଠି ମୋର କାମ ସହିତ ମୁଁ ମୋର ପରିବାରକୁ ମଧ୍ୟ ସମୟ ଦେଇପାରୁଛି । ମୋ ବସ୍ ପ୍ରତି ଥିବା ମୋର କର୍ତ୍ତବ୍ୟ ନିଷ୍ଠା ଆହୁରି ଦୁଇଗୁଣ ହୋଇଯାଇଛି । ସେନେଇ ସବୁବେଳେ ସବୁ ପରିସ୍ଥିତିରେ ମୋ ବସ୍ ସହିତ ରହି ଆସିଛି ।

**ସଦାନନ୍ଦ ବେହେରା**
କ୍ୟାପ୍‌ଟେନ୍

# MY UNFINISHED DUTIES

I started as a driver in a School bus right after completing my 12th exams as I understood that the academics wouldn't take me too far. I wasn't a bright student & neither was my financial condition supportive to aid mindless education so that I found my interest - I'm not that privileged you see. From school kids, I graduated to driving college students in a few years & later I took abstinence from all these.

I have an elder brother who is married & has a family, so thinking that my parents would be taken care of I leaped to follow monkhood. I traveled far & wide to find my peace as a Monk & to lead a life full of devotion to service until I met my Guru one day. After looking at me, he could clearly say that I had been a bit anxious due to some unfinished duties I had to deliver. He made me see that the actual service would be to aid my parents to live a good life if not comfortable, that should be my prime focus.

When I went back home to visit my parents & saw their sad state, my belief to remain single got strengthened. My elder brother was not able to give any time to my parents & was occupied looking after his family which is not at all wrong on his part but someone had to look after my parents. I then decided to be the care provider for them & was looking for some engagement to support the expenses. Came across the news via an acquaintance & here I am working for Mobus from the very early days. I don't have many desires to fulfill & hence what I make from this job is more than enough to look after me & my parents. After all the spending.

I still can allocate funds to an orphanage every month & an old age home to continue my desire to help the needy & serve them. I also engage myself in plantation drives whenever I have time & like to celebrate small events with slum kids, which makes me feel alive & useful to society. For me, this job gives me mental peace by helping me live the life of doing public service.

Prasant Kumar Behera
Captain


Public Transport Services in master plan areas of
BHUBANESWAR | CUTTACK | PURI
200 Brand New AC & Non AC Buses
+
100 Refurbished old buses
Roll outs:
1 - 100 buses on 9 routes from 6th November.
on 8 routes from 15th November.

# ଭାଇକୁ ମଣିଷ କରିବା ପାଇଁ ଏହି ଗୋଟିଏ ଲକ୍ଷ୍ୟ

ଆଜିକୁ ପ୍ରାୟ ଦେଢ଼ ବର୍ଷ ହେଇଗଲାଣି । ମୋ ବସ୍‌କୁ ଛାଡ଼ି ଅନ୍ୟ କିଛି ଚିନ୍ତା କରିନି । କେବଳ ପରିବାର ଆଉ ମୋର କାମକୁ ଛାଡ଼ିଦେଲେ ଅନ୍ୟଥା ତୃତୀୟ କାମକୁ ଗୁରୁତ୍ୱ ଦେଇନି । ବୟସ ମାତ୍ର ୧୯ । ମାଟ୍ରିକ୍ ସରିବା ପରେ ବାପା ଏକୁଟିଆ କରି ଛାଡ଼ି ଯାଆନ୍ତି । ବର୍ତ୍ତମାନ ପରିବାର କହିଲେ ମୋର ମାଆ ଆଉ ଦୁଇଜଣ ସାନ ଭାଇ । ଗୋଟେ ଭାଇ ଜନ୍ମରୁ ଭିନ୍ନକ୍ଷମ, ଆଉ ଜଣେ ଭାଇ ସ୍ନାତକରେ ପଢୁଛି । ସେ ହିଁ ହେଉଛି ଘରର ଏକମାତ୍ର ଆଶା । ମୋଠୁ ଅନେକ ସାନ କିନ୍ତୁ ଏବେଠୁ ସେ ପରିବାରର ବୋଝ ଉଠାଇବାକୁ ଯାଇ ପାଠ ସହ କାମରେ ବି ମନ ଦେଇଛି । ଏକାମ୍ର ଡିଗ୍ରୀ କଲେଜ୍‌ରେ ବାଣିଜ୍ୟ ଦ୍ୱିତୀୟ ବର୍ଷରେ ସ୍ନାତକ ପଢ଼ିବା ସହ ସକାଳେ ଘରଘର ବୁଲି ଖବର କାଗଜ ପକାଏ ପୁଣି ଦିନରେ ଡ଼ାଟା ଏଣ୍ଟ୍ରିର କାମ । ତାର ସାମାନ୍ୟ ରୋଜଗାରରେ ଘର ଚଳୁଛି । କିନ୍ତୁ ଭୁବନେଶ୍ୱର ଭଳି ଯାଗାରେ ଘର ଚଳିବାକୁ ଏତିକି ରୋଜଗାର ନିଅଣ୍ଟ ।

ଆଜିକାଲି ମା'ର ଦେହ ଆଉ ଭଲ ରହୁନି । ସେନେଇ ମେଡ଼ିସିନ୍ ଖର୍ଚ୍ଚ, ତା ସାଙ୍ଗକୁ ଘରର ବିଭିନ୍ନ ଯାବତୀୟ ବ୍ୟୟ । ସବୁ ପରେ ବି ମୋର ଗୋଟିଏ ସ୍ୱପ୍ନ ସାନ ଭାଇ ତପନକୁ କିପରି ମଣିଷ କରିବି । ମୁଁ ଯେପରି ନିଜେ କଷ୍ଟ କରି ନିଜକୁ ସ୍ୱାବଲମ୍ବୀ କରିପାରିଛି, ଠିକ୍ ସେପରି ସାନଭାଇ ମଧ୍ୟ ପାଠ ପଢ଼ା ସହ କାମ କରି ସ୍ୱାବଲମ୍ବୀ ହେବାକୁ ଚେଷ୍ଟା କରିଛି । ବାପାଙ୍କ ବିୟୋଗ ପରେ ଆମେ ଦୁଇ ଭାଇଭଉଣୀ କାହା ଉପରେ ନିର୍ଭର ହେବାକୁ ଚାହିଁନୁ । ଛୋଟ ବୟସରୁ ପରିଶ୍ରମ କରି ପଇସା ରୋଜଗାର କରିବାକୁ ସବୁବେଳେ ଚେଷ୍ଟା କରିଛୁ ।

ଘର ମୋର ଡୁମ୍‌ଡୁମାରେ । ସ୍କୁଲ୍‌ରୁ ପାଠ ପଢ଼ା ପରେ ମୁଣ୍ଡରେ ମୋର ସାନ ଭାଇକୁ ପଢ଼ାଇବାର ଇଚ୍ଛା ଢୋକେ । ଦଶମ ପାସ୍ ପରେ ମୁଁ ଟ୍ରେନିଂ ନିଏ ଭାରତ ସରକାରଙ୍କ ସ୍କିଲ୍ ଇଣ୍ଡିଆ ପ୍ରଶିକ୍ଷଣ କେନ୍ଦ୍ରରେ । ସେଠାରେ ଟ୍ରେନିଂ ସରୁ ସରୁ ଏକ ପ୍ରୋଜେକ୍ଟରେ ସାମିଲ୍ ହୁଏ । ପୁଣି କିଛି ଦିନ ପରେ ରିଲାଏନ୍ସ ସିକ୍ୟୁରିଟି ଏଜେନ୍ସିରେ କାମ କରିବାକୁ ସୁଯୋଗ ପାଏ । ସେଠାରେ କାମ ଆରମ୍ଭ କଲି ସତ, କିନ୍ତୁ ନିଜକୁ ଖାପଖୁଆଇ ପାରିନଥିଲି । କିଛିଦିନ ଏମିତି ଚାଲେ । ପରେ ମୋ ବସ୍ ଏବଂ ଏଥିରେ କିଛି ମହିଳାଙ୍କୁ ଗାଇଡ୍ ଭାବେ ନିଯୁକ୍ତି ଦିଆଯିବାର ଖବର ପାଇଲି । ପରବର୍ତ୍ତି ସମୟରେ ମୋତେ ଏଠାରେ କାମ କରିବାକୁ ମିଳିଲା ।

ମୋର ଇଚ୍ଛା, ଭାଇର ପାଠ ପାଇଁ ଆବଶ୍ୟକ ସବୁ ପଇସା ମୋ ରୋଜଗାରରୁ ସଞ୍ଚୟ କରି ରଖିବି । ସେ ପାଠ ପଢ଼ି ଭଲ ଚାକିରିଟେ କରୁ । ମୋ ନିଜ ପାଇଁ କୌଣସି ସ୍ୱପ୍ନ ନାହିଁ । ଯେବେ ଯାଏ ସେ ନିଜ ଗୋଡ଼ରେ ଛିଡ଼ା ହୋଇନି ସେଯାଏ ମୁଁ ଏମିତି ପରିଶ୍ରମ କରୁଥିବି । ଏହି ଉଦ୍ଦେଶ୍ୟରେ ମୋ ବସ୍‌ରେ ଗାଇଡ୍ ଭାବେ କାମ ଆରମ୍ଭ କରିଥିଲି । ଏଯାଏଁ କୌଣସି ଯାତ୍ରୀଙ୍କ ସହ ମୋର ବୁଝାମଣା ଭୁଲ୍ ହୋଇନି କିମ୍ବା କୌଣସି କର୍ମଚାରୀଙ୍କ ସହ ମୋର ସମ୍ପର୍କ ଖରାପ ହୋଇନାହିଁ । ସବୁବେଳେ ମୋର କାମକୁ ଗୁରୁତ୍ୱ ଦେଇଆସିଛି । ସେନେଇ ପ୍ରଶଂସା ବି ପାଇଛି । ଏ କାମକୁ ନେଇ ମୁଁ ବହୁତ ଖୁସି ଅଛି । ମୋ ଘରେ ବି ମୋତେ ମୋ କାମ ପାଇଁ ପୂର୍ଣ୍ଣ ସହଯୋଗ କରିଆସୁଛନ୍ତି ।

ଏମିତି ଦେଖୁ ଦେଖୁ କୋଭିଡ୍ ମହାମାରୀ ଭିତରେ ଦେଢ଼ ବର୍ଷ ବିତିଗଲାଣି । ଯେଉଁ ସମୟରେ ଲୋକେ ବାହାରକୁ ଆସିବାକୁ ଡରୁଥିଲେ ସେ ସମୟରେ ମୁଁ ଆସି ଲୋକମାନଙ୍କ ସହାୟତାରେ ଆସିପାରୁଥିଲି । ଏଭଳି କାମରେ ନିଜକୁ ନିୟୋଜିତ କରି ମୋତେ ଖୁସି ମିଳୁଛି । ଆଶା, ମୁଁ ଏହି କ୍ଷେତ୍ରରେ ଆହୁରି ଅନେକ ଦିନ ଯାଏଁ ଭଲ କାମ କରି ପ୍ରଶଂସା ସାଉଁଟୁଥିବି ।

**ଜ୍ୟୋତି ସାହୁ**
ଗାଇଡ୍

# ଇପିଏଫ୍ ସଞ୍ଚୟ କୋରନାରେ ଏକମାତ୍ର ଭରସା ଥିଲା

ଆରମ୍ଭରୁ ମୁଁ ମୋ ବସ୍ ସହିତ ଯୋଡ଼ି ହୋଇ ରହିଛି । ଏହା ଭିତରେ କାମ କରିବାର ତିନି ବର୍ଷ ବିତିଗଲାଣି । କେତେବେଳେ କାମ ଯଲ୍‌ଦି ସରିଛି ତ' କେବେ ୨ଟା ସିଫ୍ଟ କାମ ସାରି ଫେରିବାକୁ ପଡ଼ିଛି । ଯେବେ ରାତିର ଶେଷ ବସ୍ ଥାଏ ବସ୍‌ରେ ଖୁବ୍ କମ୍ ଯାତ୍ରୀ ଥାନ୍ତି ।

ଶେଷ ଗାଡ଼ିରେ ଯାତ୍ରା କରୁଥିବା ଚାକିରୀଆ ଲୋକଙ୍କୁ ଦେଖି ସଦାବେଳେ ଭାବେ, ମୁଁ ବି ଗୋଟେ ଏମିତି ଆରାମଦାୟକ ଚାକିରୀଟେ କରିଥାନ୍ତି କି ? କିନ୍ତୁ ସେ ଭାଗ୍ୟ ବୋଧହୁଏ ମୋର ନାହିଁ । ପୂର୍ବରୁ ଚନ୍ଦ୍ରଶେଖରପୁରରେ ଏକ ଏନ୍‌ଜିଓରେ କାମ କରୁଥିଲି । ସେବେ ମୋ ବସ୍ ବିଷୟରେ ଜାଣିବାକୁ ପାଇଥିଲି । ଦେଖିଲି ମୋ ବସ୍ ଭୁବନେଶ୍ୱରର ପ୍ରତ୍ୟେକ ରୁଟ୍‌କୁ ଛୁଇଁଛି । ଅନେକ ଲୋକ ମୋ ବସ୍‌ରେ ଯାତ୍ରା କରିବାକୁ ପସନ୍ଦ କରୁଥିଲେ । ମୋ ବସ୍‌ର ଏକ ସ୍ୱତନ୍ତ୍ର ଡ଼ିମାଣ୍ଡ ରହିଥିଲା । ଭାବିଲି ମୋ ବସ୍‌ରେ କାମ କଲେ ଏମିତି ଭୁବନେଶ୍ୱରର ଅନେକ ଗଳିକନ୍ଦି ଯାଗା ବୁଲିବା ସହିତ ଏହା ମାଧ୍ୟମରେ ଲୋକଙ୍କ ସେବା କରିପାରିବି । ଏହା ଏକ ପବ୍ଲିକ୍ ସର୍ଭିସ୍ । ଏଠାରେ ଆମେ ଅନେକ ଲୋକଙ୍କ ସହିତ ମିଳାମିଶା କରିବାକୁ ସୁଯୋଗ ପାଉ । ବିଭିନ୍ନ ଲୋକଙ୍କଠୁ ବିଭିନ୍ନ ବିଷୟରେ ଜାଣିବାକୁ ପାଉ । କଥାବାର୍ତ୍ତା ଭିତରେ ଅନେକ ଅଜଣା ଯାତ୍ରୀ ସାଙ୍ଗସାଥି ଭଳି ଯୋଡ଼ି ହୋଇଯାଆନ୍ତି ।

ମୋ ବସ୍‌ରେ କାମ କରୁଥିବା ପ୍ରତ୍ୟେକ କର୍ମଚାରୀଙ୍କ ପାଇଁ ଲାଗୁ ହୋଇଥିବା ଇପିଏଫ୍, ଇଏସ୍‌ଆଇସି ଭଳି ସୁବିଧା ମଧ୍ୟ ପାଇଛୁ । ଯାହା ମୋ ବସ୍‌ରେ କାମ କରୁଥିବା ପ୍ରତ୍ୟେକ କର୍ମଚାରୀଙ୍କ ପାଇଁ ଏକ ସଞ୍ଚୟ ପାଣ୍ଠି । ପ୍ରତି ମାସରେ ପାଉଥିବା ଦରମା ମାସ ଶେଷ ଆଡ଼କୁ ସରିବାକୁ ଲାଗେ । ମହାମାରୀରେ ମୋ ବସ୍ ସେବା ଚାଲୁ ରହିଥିଲେ ମଧ୍ୟ ଅଧିକାଂଶ ରୁଟ୍‌ରେ ବସ୍ ଚଳାଚଳ ବନ୍ଦ ରହିଥିଲା । ଯାହା ଫଳରେ ମୋ ଭଳି ଅନେକ କର୍ମଚାରୀ ବିନା କାମରେ ଘରେ ବସିଥିଲେ । ଲକ୍‌ଡ଼ାଉନ୍‌ରେ ଯେତେବେଳେ ସବୁ ଜୀବନ ଜୀବିକା ବୁଡ଼ିବାକୁ ଥାଏ ସେହି ସମୟରେ ମୁଁ ଇପିଏଫ୍ ପଇସା ଉଠାଇ କାମରେ ଲଗାଇପାରିଥିଲି । ଖାଲି ସେତିକି ନୁହେଁ ବରଂ ଏକ ନୂଆ ଜୀବିକାରେ ନିଜକୁ ସାମିଲ୍ କରିପାରିଥିଲି । ଲକ୍‌ଡ଼ାଉନ୍ ଭଳି ଏକ ବିପରୀତ ସମୟରେ ସାନ ଭାଇର ମଧ୍ୟ ଚାକିରୀ ପଳାଏ ।

ସେହି ସମୟରେ ମୁଁ ବି ଅନୁଭବ କଲି, ଅଫିସ୍ ଚାକିରୀର ସ୍ଥାୟିତ୍ୱ ନାହିଁ । କେତେବେଳେ ବି ହାତଛଡ଼ା ହୋଇପାରେ । କିନ୍ତୁ ମୋ ବସ୍ ଭଳି ଏକ ଜନସେବା କାର୍ଯ୍ୟରେ ଚାକିରୀ ଯିବାର ଆଶଙ୍କା ନଥାଏ । ବରଂ ମହାମାରୀରେ ଏଭଳି ସେବାର ଗୁରୁତ୍ୱ ବଢ଼ିଯାଇଛି । ମୋ ପାଖରେ କିଛି ସଞ୍ଚୟ ଥିବାରୁ ସାନ ଭାଇ ପାଇଁ ନିମାପଡ଼ା ପୁରୀରେ ଏକ ପଲ୍‌ଟ୍ରି ଫାର୍ମ, ଦୁଇଟି ପୋଖରିରେ ମାଛ ଚାଷ ଆରମ୍ଭ କରିପାରିଥିଲି । ସେସବୁ ରକ୍ଷଣାବେକ୍ଷଣର ଦାୟିତ୍ୱ ଏବେ ମୋର ଦୁଇ ଭାଇ ନେଉଛନ୍ତି । ସମୟାନୁସାରେ ଫାର୍ମରେ କିଛି ପୁଞ୍ଜି ନିବେଶ କରିପାରିଛି । ବର୍ତ୍ତମାନ ସମୟରେ ଫାର୍ମ ଏକ ବଡ଼ ଆକାର ନେବାକୁ ଯାଉଛି । ମୋ ବସ୍‌ରେ କାମ କରି ଯେଉଁ ଦରମା ପାଉଛି ସେଥିରେ ଖାଲି ବ୍ୟବସାୟ ନୁହେଁ ବରଂ ଏହାଦ୍ୱାରା ସାନଭାଇକୁ ସ୍ୱାବଲମ୍ବୀ କରିପାରିଛି ସେତିକି ମୋତେ ଖୁସି ଦିଏ । ଏହା କେବଳ ମୋ ବସ୍ ସହ ଯୋଡ଼ି ହୋଇ ରହିବା ଦ୍ୱାରା ସମ୍ଭବ ହୋଇପାରିଛି ।

**ମାନସ କୁମାର ନାୟକ**
ଗାଇଡ୍

# ମୋ ବସ୍ ମୋ ସାଥିରେ

ମାନସ କୁମାର ଜାନୀ । ବୟସ କହିଲେ ଏବେ ଏବେ ୧୯ରେ ପହଞ୍ଚିଛି । ଘର ମୟୁରଭଞ୍ଜର ଆଦିବାସୀ ଅଞ୍ଚଳରେ । ଆମମାନଙ୍କ ଆଡେ ଅଳ୍ପ କିଛି ପାଠ ପଢ଼ିଲେ ବହୁତ । ଆମକୁ ନେଇ ସରକାରୀ ଚାକିରୀରେ ସ୍ୱତନ୍ତ୍ର ସଂରକ୍ଷଣ । ସେନେଇ ପାଠ ପଢ଼ି ଚାକିରୀଟେ କରିବି ବୋଲି ଆଶା ଥିଲା । ପାଠ ଦୁଇ ଅକ୍ଷର ପଢ଼ିଲା ପରେ ନିଜ ଅଞ୍ଚଳରେ ଅନେକ ଲୋକ ଭାବନ୍ତି ପୁଅ ଏବେ ଚାକିରୀ କରିବ । କିନ୍ତୁ ପାଠ ସରିବା ପରେ କୌଣସି ଚାକିରୀର ସୁରାକ ନଥାଏ । ଯୁକ୍ତ ଦୁଇ ପରେ ଯୁକ୍ତ-୩ରେ ଆଡ୍‌ମିଶନ୍ ହୁଏ । ସମ୍ବଲପୁର ବିଶ୍ୱବିଦ୍ୟାଳୟ ଭଳି ଏକ ସୁନ୍ଦର ଯାଗାରେ ପଢ଼ିବାକୁ ସୁଯୋଗ ମିଳେ । ଦେଖୁ ଦେଖୁ ଓଡ଼ିଆ ଭାଷା ସାହିତ୍ୟ ଉପରେ ସ୍ନାତକ ସରିଯାଏ । ପରିବାରର ଆର୍ଥିକ ପରିସ୍ଥିତି ଏବଂ ମୋତେ ନେଇ ପରିବାର ଦେଖୁଥିବା ସ୍ୱପ୍ନ ଭିତରେ ମୁଁ ଚାପି ହୋଇଯାଏ । ଆରମ୍ଭ ହୁଏ ୨୦୧୮ରୁ ମୋର ମୋ ବସ୍ ଯାତ୍ରା । ମୋ ବସ୍‌ରେ ନିଯୁକ୍ତି ମିଳିବା ମୋ ପାଇଁ ଏକ ସୁଯୋଗ ।

ମୋ ବସ୍‌ରେ କାମ କରିବା ଦ୍ୱାରା ମୁଁ ରୋଜଗାରକ୍ଷମ ହୋଇପାରିଛି । ଘରକୁ ରୋଜଗାରର ବଳକା ପଇସା ପଠାଇଲେ ଖୁସି ମିଳୁଛି । ମୋ ବସ୍‌ରେ କାମ କରିବା ସହିତ ମୁଁ ମୋ ପଢ଼ା ପାଇଁ ସମୟ ଦେଇପାରୁଛି । ପରିବାରରେ ଦୁଇ ଭାଇ ଏବଂ ଦୁଇ ଭଉଣୀ ଓ ମା' । କୋଭିଡ୍‌ରେ ବାପା ଚାଲିଗଲେ । ସେ ସମୟରେ ପରିବାରକୁ ସମ୍ଭାଳିବା ମୁସ୍କିଲ୍ ଥିବାବେଳେ ମୋ ବସ୍‌ରେ କାର୍ଯ୍ୟ କରୁଥିବାରୁ କିଛି ମାତ୍ରାରେ ସହାୟକ ହୋଇଛି । ସେଥିରୁ ମିଳୁଥିବା ଦରମାରୁ ମୋ ପରିବାରର ଆର୍ଥିକ ସମସ୍ୟାରୁ ବଞ୍ଚି ପାରିଥିଲୁ ।

ବର୍ତ୍ତମାନ ମଧ୍ୟ ମୋର ବଳକା ପଇସାକୁ ଘରକୁ ପଠାଇପାରୁଛି ଏବଂ ସେଥିରୁ କିଛି ନିଜର ସଞ୍ଚୟ ବଢ଼ାଇପାରୁଛି । ସେଥିରେ ଆଗକୁ ବେପାର ବାଣିଜ୍ୟରେ ପୁଞ୍ଜି ନିବେଶ କରି ଆଗକୁ ବଢ଼ିପାରିବି । ଏ ଦିଗରେ ମୋ ବସ୍ ମୋତେ ଅନେକ ସହଯୋଗ କରିଛି । ଯାହା ଫଳରେ ମୁଁ ମୋର କର୍ମକ୍ଷେତ୍ରରେ ବୃଦ୍ଧି ଘଟାଇପାରିଛି ।

**ମାନସ କୁମାର ଜାନୀ**
ଗାଇଡ୍



# ମୋ ଭଳି ପିଲାଙ୍କ ପାଠପଢ଼ା ଅଧାରୁ ନରହୁ

ମୋ ବସ୍‌ରେ ଆରମ୍ଭରୁ ବର୍ତ୍ତମାନ ଯାଏ କାମ କରିବା ଭିତରେ ରହିଛି ମୋର ଅନେକ ସ୍ମୃତି ଆଉ ଅନେକ ଅନୁଭୂତି । ପ୍ରଥମେ କାମ କରିବା ସମୟରେ ଜଣେ ଜଣେ ଯାତ୍ରୀ ୫ଟଙ୍କା ଯାଗାରେ ୫୦୦ ଟଙ୍କା ଦେଉଥିଲେ । ଅନେକ ହଇରାଣ ହେବାକୁ ପଡୁଥିଲା । ଗାଡ଼ି ଛିଡ଼ା କରି ବାହାରୁ ଖୁଚୁରା କରି ଫେରାଇବାକୁ ପଡୁଥିଲା । ଖୁଚୁରା ପଇସା ଅଭାବରୁ ଗୋଟିଏ ଟ୍ରିପ୍‌ରେ ଏକାଧିକ ଯାତ୍ରୀଙ୍କ ଟିକେଟ୍ ପଛରେ ଫେରାଇବାକୁ ଥିବା ଅଙ୍କ ଲେଖି ପରେ ଫେରାଇବାକୁ ପଡ଼େ । ତଥାପି ପହଞ୍ଚିବା କ୍ଷଣି ପାଖରେ ପଇସା ହୋଇନଥାଏ । କେହି କେହି ତ' କୁହନ୍ତି ସରକାରୀ ବସ୍ ଏଥିରେ ପୁଣି ପଇସା କ'ଣ ଦେବୁ ? ଏଭଳି ବିଭିନ୍ନ ଛୋଟ ଛୋଟ ସମସ୍ୟାକୁ ସାମ୍ନା କରିବାକୁ ପଡ଼େ । ପୂର୍ବରୁ ଯେପରି ହଇରାଣ ହେବାକୁ ପଡୁଥିଲା କେବେକେବେ ଚାକିରୀ ଛାଡ଼ିଦେବାକୁ ଇଚ୍ଛା ହେଉଥିଲା । ବର୍ତ୍ତମାନ ସମୟରେ ଯାତ୍ରୀମାନଙ୍କ ସହ ଅନେକ ବନ୍ଧୁତା ହୋଇପାରୁଛି । ଆଗଭଳି କୌଣସି ସମସ୍ୟା ଦେଖିବାକୁ ମିଳୁନି । ବିଭିନ୍ନ ଯାତ୍ରୀମାନଙ୍କଠାରୁ ବିଭିନ୍ନ ଛୋଟ ଛୋଟ ବିଷୟରେ ଶିକ୍ଷାମାନ ମିଳୁଛି ।

ମୋ ବସ୍ ସେବା ଆରମ୍ଭ ହେବା କ୍ଷଣି ଏଥିରେ କାମ କରିବାକୁ ମୁଁ ସୁଯୋଗ ପାଇଛି । ଘର ପରିବାର କହିଲେ ସବୁ ଅନୁଗୁଳରେ । ପୂର୍ବରୁ ଭୁବନେଶ୍ୱରରେ ଏଲ୍ଏନ୍‌ଟି କମ୍ପାନୀରେ କାମ କରୁଥିଲି । ପରିବାର କହିଲେ ମୋର ବୁଢ଼ି ମା, ସ୍ତ୍ରୀ ଏବଂ ମୋର ଦୁଇଟି ପୁଅ । ଉଭୟଙ୍କୁ ଏକ ଶିଶୁ ମନ୍ଦିରରେ ପାଠ ପଢ଼ାଉଛି । ବର୍ତ୍ତମାନ ଜଣେ ସପ୍ତମରେ ଆଉ ଜଣେ ଦଶମ ଶ୍ରେଣୀରେ । ପିଲାମାନଙ୍କ ପାଇଁ ଏଭଳି ପେଟପାଟଣା ନେଇ ଘର ଛାଡ଼ି ରାଜଧାନୀରେ ରହୁଛି । ମୋତେ ମୋ ବସ୍‌ରେ କାମ କରିବାକୁ ଥିବାବେଳେ ଅନ୍ୟପଟେ ପରିବାରଠୁ ଦୂରରେ ରହିବାକୁ ପଡୁଛି । ପୁଅ ଦୁଇଜଣଙ୍କୁ ଏଠାରେ ରଖି ପାଠ ପଢ଼ାଇବାକୁ ଯୋଜନା କରିଛି । ଏଠି ରହି କାମ କଲେ ମଧ୍ୟ ଛୁଟିଦିନ ମାନଙ୍କରେ ଘରକୁ ଯାଇ ମୁହଁ ମାରି ଆସିବାକୁ ପଡୁଛି ।

ମୋ ବସ୍‌ରେ ଦୀର୍ଘଦିନ ଧରି କାମ କରିଲିଣି । ଏଠି ଯେଉଁ ସବୁ ସୁବିଧାମାନ ପାଉଛି ଅନ୍ୟ ଯାଗାରେ ଚାକିରୀ କଲେ ବୋଧହୁଏ ମିଳିବନି । ତେଣୁ ଚିନ୍ତା କରିଛି ଆଗାମୀ ଦିନରେ ସୁବିଧା ଦେଖି ଭୁବନେଶ୍ୱରକୁ ମା' ଓ ସ୍ତ୍ରୀ, ପିଲାଛୁଆଙ୍କୁ ଧରି ପଳାଇଆସିବି । ଗୋଟିଏ ଯାଗାରେ ଏତେ ଦିନ ଧରି କାମ କଲିଣି ଯେହେତୁ ମୋ ବସ୍‌କୁ ଛାଡ଼ିଲେ ଅନ୍ୟ କୌଣସି ଚାକିରୀ କଥା ମନକୁ ଆସିନି । ଯେତିକି ଦିନ ଚାକିରୀରେ ଥିବି ସେଯାଏଁ ମୋ ବସ୍ ସେବା ଯୋଗାଇଦେବା ପାଇଁ କାମ କରୁଥିବି । ବଡ଼ ପୁଅର ଅନ୍‌ଲାଇନ୍ ପାଠପଢ଼ା ପାଇଁ ମୁଁ ଧରୁଥିବା ଆଣ୍ଡ୍ରଏଡ୍ ମୋବାଇଲ୍ ଫୋନ୍‌ଟା କିଛିଦିନ ତଳେ ଦେଇକରି ଆସିଛି । ଘରେ ପିଲାଙ୍କ ପାଠପଢ଼ାକୁ ନେଇ ପଇସା ଅଭାବ, କିନ୍ତୁ ପିଲାଙ୍କୁ ମୋ ଭଳି ଅଧାରୁ ପାଠପଢ଼ା ଛାଡ଼ିବାକୁ ଦେବିନି । ସ୍ତ୍ରୀ ସିଲାଇ ଜାଣେ, ସେଥିରୁ ସେ କିଛି ଘର ଖର୍ଚ୍ଚ ଉଠାଇନିଏ । ମୋର ସମ୍ପୂର୍ଣ୍ଣ ରୋଜଗାରରୁ ସେମାନଙ୍କ ପାଠ ପଢ଼ାପାଇଁ ଅଧିକ ସଞ୍ଚୟ କରୁଛି । ମୋ ବସ୍‌ରୁ ପାଉଥିବା ଠିକ୍ ସମୟରେ ଦରମାରୁ ମୁଁ ସଠିକ୍ ସମୟରେ ସଠିକ୍ ବିନିଯୋଗ କରିପାରୁଛି ନଚେତ ଘର ଚଳାଇବା କଷ୍ଟକର ହୋଇପଡ଼ନ୍ତା ।

ମୋ ବସ୍‌ର ସମସ୍ତ କର୍ମଚାରୀ ବସ୍ ସେବାକୁ ଆହୁରି ଉନ୍ନତ ଭାବରେ କିଭଳି ଯୋଗାଇପାରିବୁ ଏ ଦିଗରେ କାର୍ଯ୍ୟ କରୁଛନ୍ତି ଜାଣି ଖୁସି ଲାଗେ । ଯାତ୍ରୀ ଏବଂ ମୋ ବସ୍‌ର ଗାଇଡ୍, କ୍ୟାପଟେନ୍‌ମାନଙ୍କ ମଧ୍ୟରେ ସମ୍ପର୍କ ସୁଧାରିବା ପାଇଁ ମୋ ବସ୍‌ରେ RAT 'ରେଭିନ୍ୟୁ ଆସ୍ୟୁରାନ୍ସ ଟିମ୍'ଙ୍କ ଅବଦାନ ଅଧିକ ରହିଛି । ସବୁ ପରେ ମୋ ବସ୍‌ରେ କାମ କରିବା ଦ୍ୱାରା ମୋର ମାନସିକତାରେ ପରିବର୍ତ୍ତନ ହୋଇଛି । ସମସ୍ୟା ଭିତରୁ ବାହାରି ସମାଧାନର ଉପାୟ କିପରି ବାହାର କରାଯାଏ ତାହା ଶିଖିବାକୁ ମିଳିଛି । କାମ କରିବା ଭିତରେ ପାଠର ଗୁରୁତ୍ୱକୁ ବୁଝି ପାରିଛି ।

**ସୁଧାକର ଦେହୁରୀ**
ଗାଇଡ୍


MO BUS
TATA
Starbus

# ମୋଗ୍ରା

ପୁରା ସତୀଚଉରା ଛକଟା ଯାକ ମୋଗ୍ରା ମୋଗ୍ରା ବାସୁଥାଏ

ମୋ ଆଖି ନାକ ମନ ପ୍ରାଣ ସବୁ ତାରି ଆଡ଼କୁ ଟାଣି ହେଉଥାନ୍ତି...

ଟୋକାଟୋକି, ବୁଢ଼ାବୁଢ଼ି କ'ଣ ମ !

ଝାଲ୍‌ମୁଢ଼ି ବାଲା ବି ମୁଢ଼ିକୁ କମ୍, ସେ ଝିଅକୁ ବେସି ଦେଖୁଥାଏ

ଯେମିତି ପୃଥିବୀର ସବୁ ଗୁରୁତ୍ୱାକର୍ଷଣ ତାରି ଆଖିରେ

ତାକୁ ହିଁ ଦେଖି ନିଉଟନ୍ ଇନରସିଆକୁ ବୁଝିଥିଲେ ବୋଧେ...

ମୋ ବସ୍ ଆସି ପହଞ୍ଚିଗଲା

ଏମିତି ଲାଗୁଥିଲା ଯେମିତି ତା ଆକର୍ଷଣ ହିଁ ମୋ ବସ୍‌କୁ ଘୋଷାଡ଼ି ଆଣିଛି

ତାରି ସାମ୍ନାରେ ହିଁ ଖୋଲିଗଲା ଡ଼ୋର୍

ମୁଁ ଜାଣିଥିଲି, ସେ ଭିତରକୁ ପଶିବା ମାତ୍ରେ ହିଁ ଆରମ୍ଭ ହେଇଯିବ ଠେଲାପେଲା

ଏଇଠୁ ଆରମ୍ଭ ପ୍ରେମର ଫର୍ମୁଲା...

ମୁଁ ଆଗୁଆ ହିଁ କାଇଦାରେ ଥିଲି

ସେ ଉଠିବା ପରେ ହିଁ ମୁଁ ଚଢ଼ି ଯାଇଥିଲି...

ମୁଁ ଝରକା ପାଖରେ ଆଉ ମୋ ପାଖରେ ରମ୍ଭା, ମେନକା, ଉର୍ବସୀ...
ଯେକୌଣସି ନା ଦେଲେବି ଚଳିବ

ସେ ଦୁନିଆକୁ ରୂପ ବାଣ୍ଟିଦେଲା ପରେବି ତା ପାଖରେ କିଛି ବଳିବ

ମୋ ବସ୍‌ର ଡ଼ୋର୍‌ଟା ଅଣଓସାରିଆ ଠିକ୍ ତା ଆଖିର କଜଳ ପରି

ନହେଲେ ଝାଲ୍ ମୁଢ଼ି ବାଲା ତା ଠେଲାକୁ ମୋଡ଼ି ମକଚି ଭିତରକୁ ପେଲିଦେଇ ନଥାନ୍ତା...

ସମସ୍ତେ ମୋ ଉପରେ ଇର୍ଷାରେ ଜଳୁଥାନ୍ତି

ଆଉ ମୋ ଭିତରେ ଆରମ୍ଭ ହେଇ ଯାଇଥାଏ କୁଆ ପଥର ବର୍ଷା

ମୋତେ ପ୍ରଥମ ଥର ଫିଲ୍ ହେଉଥାଏ ଯେ ମୋ ବସ୍‌ଟା ମୋ ବସ୍ ନୁହେଁ ବରଂ ତା ବସ୍

ନହେଲେ କଣ୍ଡକ୍ଟର୍ ହେଲ୍ପର୍ ବୁଢ଼ାବୁଢ଼ୀ, ଝାଲ୍ ମୁଢ଼ି ସମସ୍ତେ ତାକୁ ହିଁ ଅନାଉଥାନ୍ତି କାହିଁକି ?

ବସ୍ ଛୁସ୍ ଶବ୍ଦ କରି ଚହଟା ଆଡ଼କୁ ଗଡ଼ିଲା

ମୁଁ ବି ତାରି ଆଡ଼କୁ ଗଡ଼ିଲି

ବେଳେବେଳେ ତା କାନ୍ଧ ମୋ କାନ୍ଧରେ ବାଜିଯାଏ

ଆଉ ବେଳେବେଳେ ମୁଁ ଜାଣିକି ବଜେଇ ଦିଏ

ମୋତେ ଅନେଇକି ସେ ଭାବେ କି, ଯେ ମିଷ୍ଟର୍ ବିନ୍ କିଛିବି ଜାଣିନି

ହେଲେ ମୋ ଭିତରେ କଣ କଣ ହୋଉଥାଏ

ତାର ଦାମିକିଆ ମୋଗ୍ରାକୁ ମୋ ଦୁଇଶହ ଟଙ୍କିଆ କୋବ୍ରା କଡ଼ା ଟକ୍କର ଦଉଥାଏ...

ଏତେ କଡ଼ା ଯେ ସେ ନାକରେ ରୁମାଲ୍ ଦେଇଥାଏ

ମୁଁ ଧିରେ କି କହିଲି

ନାଇସ୍ ପରଫ୍ୟୁମ୍

ସେ ମୋତେ ଅନେଇ ତା ବ୍ୟାଗରୁ ଇଅର୍ ଫୋନ୍ କାଢ଼ିଲା

ମୁଁ ଚାରିଆଡ଼େ ଅନାଏ ତ ଆବାଳ ବୃଦ୍ଧ ବନିତା ମୋତେ ହିଁ ଚାହିଁଥାନ୍ତି

ଯେମିତି ମୁଁ ଗୋଟେ ସେଲିବ୍ରିଟି

ମୁଁ ପୁଣି ସେ ଝିଅକୁ ଅନେଇକି କହିଲି ୱେଲ୍‌କମ୍ !

ସେ ରାଗିକି ଅନେଇଲା

ଏମିତିଆ ଆଖି ଯେ ମହୁଆଙ୍କ ନିଶା ଛାଡ଼ିଯିବ
ପ୍ୟାସେଞ୍ଜର୍ କଣ ମ ବସ୍‌କୁ ବି ପ୍ରେମ ହେଇଯିବ...

କଣ୍ଡକ୍ଟର୍ ଇଟିଏମ୍ ମେସିନ୍ ଦେଖେଇ କହିଲା କୁଆଡ଼େ ଯିବ ?
ମୁଁ କହିଲି ଲାଷ୍ଟ ଷ୍ଟପେଜ୍ ଯାଏ କାଟିଦିଅ
ପ୍ରେମିକାର ଡ଼େଷ୍ଟିନେସନ୍ ଜାଣି ନଥିବା ପ୍ରେମିକ ଆଉ କ'ଣ ଅବା କହିଥାନ୍ତା
ସେ ଝିଅ ମୁରୁକି ହସି କହିଲା ମୋର ଷ୍ଟାଡ଼ିୟମ୍ ଯାଏ କାଟ
ମୁଁ ପୁଣି ବୁଲିକି କହିଲି ସରି ସରି ମୋର ବି ଷ୍ଟାଡ଼ିୟମ୍ କାଟ, ମୁଁ ପା ଷ୍ଟାଡ଼ିୟମ୍ ଯିବି, ଆଜି ଖେଳ ଅଛି...
କଣ୍ଡକ୍ଟର୍ କହିଲା ଆଜି ତ କିଛି ଖେଳ ନାହିଁ
ମୁଁ ପୁଣି ଚାରିଆଡ଼େ ଅନେଇଲି...
ସମସ୍ତେ ମୋ ମୁହଁକୁ ସେମିତି ହିଁ ଅନେଇ ଥାନ୍ତି ପୂର୍ବବତ୍
ମୁଁ କହିଲି... ଆରେ ମୁଁ ପହଞ୍ଚିଲା ପରେ ପରା ଖେଳ ଅରମ୍ଭ ହେବ
ମୋତେ ମନେ ପଡ଼ିଯାଉଥିଲା ମମତା ଦିଦିଙ୍କ ଡ଼ାଇଲଗ୍ ଖେଲା ହୋବେ... ଖେଲା ହୋବେ...
ସୋନାର୍ ବାଂଲା... ଏଖାନେ ଖେଲା ହୋବେ...

ଗଡ଼ଗଡ଼ିଆରୁ ଷ୍ଟାଡ଼ିୟମ୍ ଆଡ଼କୁ ମୁହେଁଇଲା ମୋ ବସ୍
ଠିକ୍ ପବନ ପାହାଡ଼ ଆଡ଼କୁ ବୋହିଲା ପରି
ସିଏ ତା'ର ଭ୍ୟାନିଟିକୁ କାନ୍ଧରେ ପକେଇଲା
ଅନେକ ଲୋକ ସଜାଡ଼ି ହେଉଥାନ୍ତି
ମୋ ଆଖିରେ କୋଲ୍‌ଡ କଫି ଦୋକାନ୍ ନାଚୁଥାଏ...
ମୁଁ ତାକୁ ମନେ ମନେ ପଚାରି ବି ସାରିଥାଏ ଭାନିଲା ନା ଚକୋ ?
ସେ ଲାଜେଇକି କହୁଥାଏ ଷ୍ଟ୍ରବେରୀ...
ଇଶ୍ ଏଇଠୁ ତ ଆରମ୍ଭ ଷ୍ଟୋରୀ ଆଉ...
ବସ୍ ଛୁସ୍ କରିକି ଅଟକିଲା
ସେ ସଜାଡ଼ି ହେଲା...
ମୋ ପ୍ରେମ, ସ୍ୱପ୍ନ କୋଲ୍‌ଡ଼ କଫି ଫେସ୍‌ବୁକ, ହ୍ୱାଟ୍ସଆପ୍ ସବୁ ବସ୍‌ରୁ ବାହାରକୁ ଝାଙ୍କୁଥାନ୍ତି...
କୋହଲା ପବନ ବୋହୁଥାଏ
ଆଉ ମୋ ହୃଦୟରେ ବାଡ଼େଇ ହେଇ ଯାଉଥାଏ
ମୁଁ ବସ୍‌ରୁ ବାହାରି ଭିଡ଼ିମୋଡ଼ି ହେଲି
କୋବ୍ରା ବାସୁଛି କି ନାଇଁ ଚେକ୍ କଲି
ମୋ ପଛରେ ଆଉ କିଛି ଲୋକ ମଧ୍ୟ ବାହାରି ଆସିଲେ...
ହେଲେ ସେ କାଇଁ ?
ଏଯାଏଁ ବାହାରୁନି କାହିଁକି ?
ମୋ ବସ୍ ତା ଡ଼ୋର୍ ବନ୍ଦ୍ କରି ଆଗେଇଲା
ସେ ଝିଅ ଝରକା ବାହାରକୁ ମୁରୁକି ମୁରୁକି ଚାହିଁଲା
ମୋ କଳ୍ପନା, ଜଳ୍ପନା କୋଲ୍ଡ କଫି ସବୁ ତା ପଛରେ ଷ୍ଟ୍ର ଧରି ଦୌଡୁଥାନ୍ତି
ଆଉ ମୁଁ ?
ମୁଁ ସେ ସ୍ମୃତିକୁ ସାଉଁଟି କାନ୍ଥକୁ ଡ଼େରି ହେଇ ଯାଇଥାଏ ।

**ଶିବସୁନ୍ଦର**
ଯାତ୍ରୀ

# ଆସ ଭୁଲିଯିବା

ଆସ ଭୁଲିଯିବା
ନୀଳ ଉପତ୍ୟକାରେ ଭୋଗୁଥିବା
ଧୂସର ସମୟର ବିଭୋର ଝଡ଼କୁ,
ସେ ନିର୍ଦ୍ଵନ୍ଦ୍ଵରେ ଉଡ଼େଇପାରେ ମୋର ଉଦାସିଆ ରାତି
ଛନଛନ ଉଆଁସି ଜହ୍ନଭିଜା ତତଲା ମନ,
ଛାତି ତଳେ ଦିକ୍ ଦିକ୍ ଜଳୁଥିବା ଶୀତରାତିର ନିଆଁ
ଯାତନାକୁ ଜାଳ କରି ସ୍ମୃତି ସବୁ ନିତି ଜଳେ ।
ଆସ ଭୁଲିଯିବା
ଅଢ଼େଇ ମିନିଟ୍‌ର ପ୍ରେମ କାହାଣୀ
ଠିକ୍ ଗୋଟେ ଫିଚର୍ ଭଳି
ମୋ ବସ୍ ଆସିବାବେଳକୁ ତୁମ ନଜର ଖୁବ୍ ଦୂରରୁ ପାଛୋଟି ଆଣିବା ।
ବାରମ୍ବାର ଧକ୍କା ଖାଇ
ଦିହରୁ ପରସ ଖସିବାର ଆନନ୍ଦ,
ଫି ଥର ବସ୍‌ଟା ପେଁ କାଳି ବଜେଇ
ଆମ ଉପସ୍ଥିତି ପରଖିବା ।

ଆସ ଭୁଲିଯିବା
ମିଳନର ଆସକ୍ତି ଏକକରେ
ଅନାବନା ଅପରାହ୍ନରୁ ସଜସଜ ଅନ୍ତିମ ସକାଳ
ସାଥିହୋଇ ଝରୁଥିବା ଅବିଶ୍ରାନ୍ତ ଅଶ୍ରୁ
ନିର୍ଲଜପଣର ତୁମ ହସରେ ବାରିପାରେ,
ତୁମେ ହଜାରେ ସରସୀର ଇପ୍ସିତ
ମୁଁ ମୁକ୍ତି ଆଶ୍ରୟୀ ଢ଼ଳଢ଼ଳ ଧଳା ପାଖୁଡ଼ାର ସନ୍ୟାସୀ
କେବଳ ପ୍ରତ୍ୟାଶାର ମହମହ ପ୍ରଶସ୍ତିର ପ୍ରତିଶୃତି ।

ଆସ ଭୁଲି ଯିବା
ଅନ୍ଧାରୀ ତରବାରିରେ
ତୁମକୁ ଜିଣିବାର ଅଳନ୍ଧୁ ଅଳନ୍ଧୁ ସ୍ଵପ୍ନ
ତମେ ନୀଳ ପରି ମୋ ସ୍ଵପ୍ନର ନାୟିକା
ସକାଳର ଆଲିଙ୍ଗନରେ ମିଳେଇ ଯାଉଥିବା କୁହୁଡ଼ି,
ଘୁରି ବୁଲୁଥିବା ପବନ, ଭଅଁର, ମେଘ ।

ଆସ ଭୁଲିଯିବା
ଜୀବନ ତମାମ ଅଲୌକିକ ପ୍ରେମସ୍ପର୍ଶ
ଝରକା ସେପାଖେ ଚଳଚଞ୍ଚଳ ବର୍ଷାର ମାଟିମୟ ଆଲିଙ୍ଗନ ।
ମୋ ଠାରୁ ଭାବନା, ଭାବନାରୁ କବିତା, କବିତାରୁ କାଗଜ, କାଗଜରୁ ଭାବନା
ଆଉ ଭାବନାରୁ ତୁମେ ।

ଏସବୁ ଭୁଲିଯିବା ଜରୁରୀ
ତୁମ ପାଇଁ, ମୋ ପାଇଁ, ଆମ ପାଇଁ
ବେଳେବେଳେ ଭୁଲିବାରେ ବି ଆନନ୍ଦ ଥାଏ,
ଏତକ ଭାଗଶେଷ ।।

**ଶିବାନନ୍ଦ ବାରିକ**
ଯାତ୍ରୀ


India's Largest Selling Trusted Lubricants
SERVO
India's Largest Selling Trusted Lubricants
SERVO
IndianOil


CRUT
Region


WE
CRUT

# LIVE TO WORK – LOVE TO WORK

My life had been a sequence of pleasant surprises all through. I started my career as a chemistry faculty at a private college in Karanjia, Odisha. This was right after completing college when I immediately took up this teaching profession & I can't tell you in words how passionate I was & still am about nurturing young minds. I used to be the early bird amongst the staff to reach college & also burnt the midnight oil teaching post-college hours. Despite being the youngest, I was dear to my students & colleagues alike. While this was more than sufficient to take care of my food & shelter, I never stopped growing & learning more. I took a few exams to qualify for govt post, failed a few but later I cleared the Auditor exam & stood first in Odisha. I was ecstatic to know the result but my family was much more delighted as now there would be 2 of us who would be serving people through the state of government.

I can say that I have been posted almost all across western Odisha throughout my career. I was posted at Cuttack before I was asked to join CRUT on deputation but to be honest I wanted to stay back in Cuttack so that I am close to my extended relatives. It was however a recommendation that I couldn't do anything about it & after a bit of hesitation, I joined here. I was not worried about work that awaits at a new organization like CRUT but had a different prospect towards deputation arrangements that generally follow. When I started working with the GM madam many of my concerns vanished & I was very happy that I have got so much regard here. No doubt she is our leader & whatever decision she takes would be in the best interest of the organization but still, she seeks & honors my inputs related to finance. Many of my friends & colleagues do call up & congratulate me for the progress that Mo Bus has been making & the awards that we have won so far but I always owe it to madam. Her bold decision making keeping nothing but the goodwill of CRUT has made all this possible. It's very rare for an SPV like ours to have their own office in such a short period but we have been able to operate from our permanent address in less than 3 years of our formation.

I have many memories of working here with a team that has different bands of experience. My colleagues are cordial & it gives me immense pleasure to have young people working here with us. I treat them like my own child, scold them, mentor them which gives me satisfaction & they too accept with due respect the feedback that I share on improvising. When we had the 1st lockdown announced & we had to disburse salary my son escorted me to the office & was here till the time everything was over. So everyone knows that my priority is work be it my colleagues or my family members & am looking forward to starting a new chapter post-retirement.

Pradeep Kumar Mohanty
Official

# SECOND INNINGS AT CRUT!

